# ମିଶନଶକ୍ତି ଭବନରେ ତାଲା ପକାଇ ପ୍ରତିବାଦ


ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ ଓ ପ୍ରତିବାଦ।


ମିଶନଶକ୍ତି କାର୍ଯ୍ୟାଳୟରେ ତାଲା ପକାଯାଉଛି।

**■ଚିଠି ପରେ ଚିଠି ଆସୁଛି, ପ୍ରାପ୍ୟ ମିଳୁନି**
**■ତାତିଲେ ଅଙ୍ଗନୱାଡି କର୍ମୀ**

ଢେଙ୍କାନାଳ,୨୩।୨(ରତନ ନାୟାର)

ଢେଙ୍କାନାଳ ସହର ମହିଷାପାଟସ୍ଥିତ ମିଶନଶକ୍ତି ଭବନ କାର୍ଯ୍ୟାଳୟକୁ ସୋମବାର ଅପରାହ୍ନ ୪ଟାରେ ଅଙ୍ଗନୱାଡି କର୍ମୀମାନେ ତାଲା ପକାଇ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ଅଙ୍ଗନୱାଡି କର୍ମୀମାନଙ୍କୁ ଜାନୁଆରୀ ମାସର ପ୍ରାପ୍ୟ ମିଳିନାହିଁ। ଅଣ୍ଡା, ଛତୁଆ ଓ ପୋଷଣ ପାଇଁ ଟଙ୍କା ମିଳୁ ନ ଥିବା ବେଳେ ମମତା ଯୋଜନାର କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ବର୍ତ୍ତମାନ ସୁଦ୍ଧା ମିଳି ନ ଥିବାରୁ ଏହାକୁ ନେଇ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଗତ ୧୨ ତାରିଖରେ ବନ୍ଦ ପାଳନ ସମୟରେ ଅଙ୍ଗନୱାଡି କର୍ମୀମାନେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ମନ୍ତ୍ରୀଙ୍କ ଇଚ୍ଛା ପ୍ରକାଶ ଅନୁଯାୟୀ ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୂଚନା ପତ୍ର ସଂଖ୍ୟା-୧୨୩/୨୦।୨।୨୬ ଅନୁଯାୟୀ ସୋମବାର ଅପରାହ୍ନ ୪ଟାରେ ମିଶନଶକ୍ତି ଭବନଠାରେ ଅଙ୍ଗନୱାଡି କର୍ମୀଙ୍କ ଉପସ୍ଥିତିରେ ଆଲୋଚନା କରାଯିବ ବୋଲି ପତ୍ର ମାଧ୍ୟମରେ ଜଣାଇଥିଲେ। ତଦନୁଯାୟୀ ବହୁ ସଂଖ୍ୟାରେ ଅଙ୍ଗନୱାଡି କର୍ମୀ ମିଶନଶକ୍ତି ଭବନଠାରେ ପହଞ୍ଚିବା ପରେ ଅଧିକାରୀମାନଙ୍କ ଦେଖା ନ ଥିଲା। ଅପରାହ୍ନ ସାଢେ ୪ଟା ପରେ ବିଭାଗୀୟ ଅଧିକାରୀମାନେ ଆସିଥିଲେ ବୋଲି କର୍ମୀମାନେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀଙ୍କ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ ଓ ଅଙ୍ଗନୱାଡି କର୍ମୀ ଜ୍ୟୋତିର୍ମୟୀ ରାଉତ ଅଭିଯୋଗ କହିଛନ୍ତି, ମନ୍ତ୍ରୀଙ୍କ ଇଚ୍ଛା ପ୍ରକାଶମତେ ଜିଲାର ୨୮୧ ଅଙ୍ଗନୱାଡି କେନ୍ଦ୍ର କର୍ମୀଙ୍କ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯିବା ନମନ୍ତେ ସଦର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପତ୍ର ମାଧ୍ୟମରେ ଡାକିଥିଲେ। ଜାନୁଆରୀ ମାସର ପ୍ରାପ୍ୟ, ମମତା ଯୋଜନାର ପ୍ରୋତ୍ସାହନ ରାଶି ମିଳିନାହିଁ। ୯ମାସ ହେଲା ଅଣ୍ଡା ଓ ଛତୁଆ ବାବଦକୁ ପ୍ରାପ୍ୟ ମିଳୁ ନ ଥିବାରୁ ହାତରୁ ଦେଇ କାର୍ଯ୍ୟ କରାଯାଉଛି। ବର୍ଷେ ହେଲା ଚାଉଳ ମଧ୍ୟ ଯୋଗାଣ ହେଉନାହିଁ। ଏ ସମ୍ପର୍କରେ ରାଜ୍ୟ ବିଭାଗୀୟ କାର୍ଯ୍ୟାଳୟ ସହିତ ଯୋଗଯୋଗ କରିବାରୁ ସେମାନେ କହିଛନ୍ତି, ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ବିଳମ୍ବରେ ୟୁସି ଦେଉଥିବାରୁ ସମସ୍ୟା ହୋଇଛି। ସମସ୍ତ ପ୍ରାପ୍ୟ ମିଳିବା ପାଇଁ ଚିଠି ଆସୁଛି। କିନ୍ତୁ ଟଙ୍କା ମିଳୁନି। ସେହିପରି ମିଶନଶକ୍ତି ଭବନକୁ ତାଲା ପକାଯାଉଥିବା ଦେଖାଯାଇଥିଲା ବେଳେ ଏହାକୁ କର୍ମୀମାନେ ଅସ୍ୱିକାର କରି କହିଛନ୍ତି, ତାଲା ପକାଯାଇ ନାହିଁ। ସଦର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରିତା ନାୟକ କହିଛନ୍ତି, ଗତ ୧୨ତାରିଖରେ ଅଙ୍ଗନୱାଡି କର୍ମୀମାନେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ କରିଥିବା ଅଭିଯୋଗ ଉପରେ ମନ୍ତ୍ରୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ପରାମର୍ଶ ଅନୁଯାୟୀ ଆଲୋଚନା ନିମନ୍ତେ ସମସ୍ତ ପଞ୍ଚାୟତର କିଛି ପ୍ରମୁଖ ଅଙ୍ଗନୱାଡି କର୍ମୀଙ୍କୁ ଡକାଯାଇଥିଲା। କିନ୍ତୁ ସେମାନେ ମିଶନ ଶକ୍ତି ଭବନ ଭିତରକୁ ଗଲେନାହିଁ। ରାତି ୮ଟା ସୁଦ୍ଧା ଖବରପାଇ ସଦର ବ୍ଲକ ଅଧ୍ୟକ୍ଷଙ୍କ ସମେତ ବିଡିଓ, ମନ୍ତ୍ରୀଙ୍କ ପ୍ରତିନିଧି ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀମାନେ ମିଶନ ଶକ୍ତି ଭବନରେ ପହଞ୍ଚି କର୍ମୀମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ସଦର ବିଡିଓ ରାହୁଲ ମଣ୍ଡଳ କହିଛନ୍ତି, ଅଙ୍ଗନୱାଡ଼ି କର୍ମୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଆସନ୍ତା ବୁଧବାର ସେମାନଙ୍କୁ ଡକାଯାଇ ଆଲୋଚନା କରାଯିବ। ଜିଲା ସମାଜ କଲ୍ୟାଣ ବିଭାଗ ଅଧିକାରୀ ଓ ସଦର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉପସ୍ଥିତ ରହିବେ। ଦରମା ମିଳି ନ ଥିବା ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଯାହା କାଗଜ ଅଛି, ତାହା ଆଣି ଆସିବାକୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରଙ୍କୁ କୁହାଯାଇଥିବା ବିଡିଓ ପ୍ରକାଶ କରିଛନ୍ତି।

## ରୋଟାରି କ୍ଲବ୍‌ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଢେଙ୍କାନାଳ,୨୩।୨(ରତନ ନାୟାର)

ଢେଙ୍କାନାଳ ରୋଟାରି କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ସହର ଉପକଣ୍ଠ ନିରୁପମା ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସାନ୍ଧ୍ୟ ଅଧିବେଶନରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଜେଲ ବିଭାଗ ଡିଜି ସୁଶାନ୍ତ କୁମାର ନାଥ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରୋଟାରି ଡିଜି ମନୋଜ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଶୁତୋଷ ରଥ, ଇନର ହୁଇଲ କ୍ଲବ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଢେଙ୍କାନାଳ ରୋଟାରି କ୍ଲବ ସଭାପତି ସାଗାରିକା ମିଶ୍ର ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ଅଧ୍ୟକ୍ଷ ବିନୋଦ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ । ସମ୍ପାଦକ ତପନ କୁମାର ପାଲ୍ ବିବରଣୀ ପ୍ରଦାନ କରିଥିଲେ। ଜିତେନ୍ଦ୍ର ନାରାୟଣଚନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ। ରୋଟାରି କ୍ଲବର ପ୍ରତିଷ୍ଠାତା ସଦସ୍ୟ ରଣେନ୍ଦ୍ର ପ୍ରତାପ ସିଂହଦେଓ, ନବୀନ ଚନ୍ଦ୍ର ନାରାୟଣ ଦାସ, ସାଗର ମଲ୍ଲ ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ସଭ୍ୟ ଡା. ବିଧୁଭୂଷଣ ନନ୍ଦ, ଡା. ବଳଭଦ୍ର ରାମଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏସ୍‌ପି ଅଭିନବ ସୋନକର, ପୂର୍ବତନ ପ୍ରାନ୍ତପାଳ ଜୟଶ୍ରୀ ମହାନ୍ତି ଓ ତନ୍ମୟ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବା ପାଇଁ ବିରଞ୍ଚି ନାରାୟଣ ପାଣି, ଦେବବ୍ରତ ଭଟ, ରାଜକିଶୋର ବେହେରା, ଜିତେନ୍ଦ୍ର ନବୀନ ନାରାୟଣ ଚନ୍ଦ୍ର, ଗିରିଜା ଶଙ୍କର ପାଣି, ସୁନୀଲ ମିଶ୍ର, ଢେଙ୍କାନାଳ ଇନର ହୁଇଲ କ୍ଲବ, ଢେଙ୍କାନାଳ ଆରସିସି, ଢେଙ୍କାନାଳ ରୋଟାରାକ୍ଟ କ୍ଲବକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ନିରଦାନନ୍ଦ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଅବୋଧ କୁମାର ମହାପାତ୍ର, ସନ୍ଧ୍ୟା ମହାପାତ୍ର, ପ୍ରଦୋଷ ଶତପଥୀ, ରାଜେନ୍ଦ୍ର କୁମାର ଦାସ, ଭବାନୀ ଶଙ୍କର ଦାଶ, ମହେଶ ଅଗ୍ରୱାଲା, ସାଗର ବାଳା ହୋତା, ମଧୁ ଝାୱର, ବିଭୁଦେନ୍ଦୁ ପଟ୍ଟନାୟକ, ସୌରଭ ସରାଉଗି, ତାପସ ରାଉତ, ଲୋକନାଥ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ଅଧିବେଶନରେ କ୍ଲବର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ମନୋଜ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ସାଗରିକା ମିଶ୍ର ଅଧ୍ୟକ୍ଷତା କରିଥିଲେ। ବକ୍ତା ଭାବରେ ସ୍ୱାମୀ ଶିବାଚିଦାନନ୍ଦ ସରସ୍ୱତୀ, ଅନ୍ୟତମ ବକ୍ତା ଭାବେ ବ୍ରହ୍ମାକୁମାରୀ ପ୍ରତିଭା ପୃଷ୍ଟି ଯୋଗ ଦେଇଥିଲେ।


ରୋଟାରି କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନରେ ଢେଙ୍କାନାଳ ଖେଳାଳି ଚାମ୍ପିୟନ


ଓମ୍ ପ୍ରକାଶ ସାହୁ ଓ ପୀୟୂଷ ରଞ୍ଜନ ସାହୁଙ୍କୁ ପୁରସ୍କୃତ କରାଯାଉଛି।

ଭୁବନ,୨୩।୨(ବିପିନ ବିହାରୀ ସେଠୀ)

ବରଗଡ଼ଠାରେ ଅନୁଷ୍ଠିତ ହୋଇଯାଇଥିବା ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଢେଙ୍କାନାଳ ଜିଲା ଭୁବନ ବ୍ଲକ ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ଓମ୍ ପ୍ରକାଶ ସାହୁ ଓ ଢେଙ୍କାନାଳ ଜର୍ଜ ଇଣ୍ଟର ନ୍ୟାଶନାଲ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ପୀୟୂଷ ରଞ୍ଜନ ବେହେରା ଯୁଗ୍ମ ଭାବେ ଚାମ୍ପିୟନ ହୋଇଥିଲେ। ୧୫ ବର୍ଷରୁ କମ୍ କ୍ରୀଡ଼ାରେ ଓମ୍ ଓ ପୀୟୂଷ ଏହି ସଫଳତା ପାଇଥିଲେ। ଓମ୍ ପ୍ରକାଶଙ୍କ କୃତିତ୍ୱରେ ତାଙ୍କ କୋଚ୍ ହଳଧର ବେହେରା ଓ ଭୁବନ ଖେଳାଳି ଏବଂ ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଓମ୍‌ପ୍ରକାଶଙ୍କୁ ସ୍ୱାଗତ କରାଯାଇଛି। ଓମଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି ଭୁବନ କ୍ରୀଡ଼ା ସଂସଦର କର୍ମକର୍ତ୍ତା।

## ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ

ଢେଙ୍କାନାଳ,୨୩।୨(ରତନ ନାୟାର)

ଢେଙ୍କାନାଳସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ବାର୍ଷିକ ପାଠଚକ୍ର ଅବସରରେ 'ପରସୋନାଲିଟି ଆଟ୍ ୱାର୍କ ଆଣ୍ଡ୍ ଇନ୍ ଲାଇଫ୍-ଦି ହ୍ୟୁମାନ ଫ୍ୟାକ୍ଟର ବିହାଇଣ୍ଡ ପରଫର୍ମାନ୍ସ' ସମ୍ପର୍କିତ ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଭାବେ ପ୍ରଫେସର ଡ. ଆରକେଏସ୍ ମଙ୍ଗେଶ ଦାସ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବିଭୂଦତ୍ତ ଦାସ ଉପସ୍ଥିତ ଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ବାଣିଜ୍ୟ ବିଭାଗର ବାର୍ଷିକ ପତ୍ରିକା ''ଦି ଏକ୍ସପ୍ଲୋର'' ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ଶକ୍ତିପ୍ରସାଦ କବିଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାକେଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ସୌମ୍ୟା ନନ୍ଦ ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ସୁମିତ୍ରା ବେହେରା, ଅଧ୍ୟାପକ ଡ. ସମ୍ବିତ କୁମାର ସାହୁ ଓ ଆଦିତ୍ୟ ପ୍ରସାଦ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ। ରାଧା ଅଗ୍ରୱାଲ ଧନ୍ୟବାଦ ପ୍ରଦାନ କରିଥିଲେ । ଚଳିତବର୍ଷର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ବାଣିଜ୍ୟ ବିଭାଗର ବାର୍ଷିକ ପାଠଚକ୍ରରେ ଉପସ୍ଥିତ ଅଧିକାରୀମାନେ।

## ଜିଲା ସିଭିଲ କୋର୍ଟ ପରିସରରେ କ୍ୟାଣ୍ଟିନ ଉଦ୍‌ଘାଟନ

ଢେଙ୍କାନାଳ,୨୩।୨(ରତନ ନାୟାର)

ବହୁବର୍ଷ ପରେ ଢେଙ୍କାନାଳ ଜିଲା କୋର୍ଟ ପରିସରରେ ସୋମବାର ଅପରାହ୍ନରେ ଏକ ନୂତନ କ୍ୟାଣ୍ଟିନ ଉଦ୍‌ଘାଟିତ ହୋଇଛି। ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ, ପୂର୍ବତନ ସଭାପତି ସୁରେନ୍ଦ୍ର ମିଶ୍ର, ସଞ୍ଜୟ ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ପଙ୍କଜ ଲୋଚନ ସାହୁ, ଗଣେଶ୍ୱର ସାହୁ, ପ୍ରତାପ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ପଣ୍ଡା, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବାଦଲ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଶତପଥୀ, ଅନ୍ତର୍ଯ୍ୟାମୀ ମିଶ୍ର, ଭାବଗ୍ରାହୀ ପଣ୍ଡା, ସତ୍ୟପ୍ରିୟ ଶରଣ, ଦୁର୍ଗା ଚରଣ ମାଝୀ, ରଞ୍ଜନ ପ୍ରଧାନ, ନିର୍ମଳ ମିଶ୍ର, ହରିହର ପଣ୍ଡା, କିଶାନ ବିଶ୍ୱାଳ, ସଦାନନ୍ଦ ସାହୁ, କ୍ଷୀରୋଦ ହୋତା, ସୁକାନ୍ତ ମିଶ୍ର, ମନୋରମା ସିଂହ, ପ୍ରକାଶ ଦାସ, ସତ୍ୟରଞ୍ଜନ ଶତପଥୀ, ରାଜେନ୍ଦ୍ର ନାରାୟଣ ରାଉତ, ସରୋଜ କୁମାର ପାଢୀ ଓ ବସନ୍ତ କୁମାର ରଥଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ପ୍ରଥମକରି ଜିଲା ସିଭିଲ କୋର୍ଟ ପରିସରରେ ଏହି କ୍ୟାଣ୍ଟିନ ଉଦ୍‌ଘାଟିତ ହୋଇଥିବା ଓକିଲ ସଂଘ ସଭାପତି ସୂଚନା ଦେଇଥିଲେ।


ଜିଲା ସିଭିଲ କୋର୍ଟ ପରିସରରେ କ୍ୟାଣ୍ଟିନ ଉଦ୍‌ଘାଟନ କରାଯାଉଛି।

## ହାତୀ ଉପଦ୍ରବ: ଅଳ୍ପକେ ବର୍ତ୍ତିଗଲେ ବୃଦ୍ଧା


ହାତୀ ଶଶୀ ଖିଲାରଙ୍କ ଘର ଗେଟ୍ ଭାଙ୍ଗିଦେଇଛି।

ଓଡ଼ାପଡ଼ା,୨୩।୨(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ଗ୍ରାମରେ ଦନ୍ତା ହାତୀ ଆକ୍ରମଣରୁ ଜଣେ ମହିଳା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ବଳରାମପୁର ଗ୍ରାମରେ ରବିବାର ରାତି ପ୍ରାୟ ୧ଟା ରେ ଶଶୀ ଖିଲାର(୭୫)ଙ୍କ ଗେଟ ଭାଙ୍ଗି ଏକ ଦନ୍ତା ହାତୀ ତାଙ୍କ ଚାଳ ଘରର କିଛିଅଂଶ ଭାଗିଦେଇଥିଲା। ସେଠାରେ ଶଶି ଶୋଇଥିଲାବେଳେ ହାତୀର ଗର୍ଜନ ଓ ଘର ଭାଙ୍ଗିବା ଶବ୍ଦରେ ଉଠି ପଡ଼ିଥିଲେ। ହାତୀ ଘରଭାଙ୍ଗି ଧାନ ଚାଉଳ ଖାଇଥିଲା। ଫଳରେ ଖିଲାର ପ୍ରାଣବିକଳରେ ପାଖରେ ଥିବା କୋଠାଘରକୁ ଚାଲି ଯାଇଥିଲେ। ଖବରପାଇ ଗାଁ ଲୋକେ ଆସି ବାଣ ଫୁଟାଇ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ଗତ ଶନିବାର ମଧ୍ୟ ହାତୀ କାଶିହାଡି ଗ୍ରାମରେ ଘର ଭାଙ୍ଗିଥିଲା। ବନ କର୍ମଚାରୀ ହାତୀକୁ ଘଉଡାଇବାରେ ବିଫଳ ହୋଇଥିଲେ ବୋଲି କର୍ମଚାରୀ ବିକ୍ରମ ସାହୁ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ହାତୀକୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଯିବ ବୋଲି ବିକ୍ରମ ପ୍ରକାଶ କରିଛନ୍ତି।

## ପିଟୁପ୍ଲାଣ୍ଟ ଧୂଆଁରେ ଅତିଷ୍ଠ ପରଜଙ୍ଗ ଅଞ୍ଚଳବାସୀ

ପରଜଙ୍ଗ,୨୩।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଗ୍ରାମଠାରୁ ଅଳ୍ପଦୂର ୫୩ ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଠିକାସଂସ୍ଥା ଦ୍ୱାରା ରାସ୍ତାକାର୍ଯ୍ୟ ପାଇଁ ବସାଯାଇଥିବା ପିଚୁ ପ୍ଲାଣ୍ଟରୁ ଧୂଆଁ ନିର୍ଗତ ହୋଇ ବାୟୁ ପ୍ରଦୂଷଣ ହେବା ସହ ପୋଖରୀ ସବୁ ତେଲିଆ ଆସ୍ତରଣ ଜମିଯାଉଛି। ଫଳରେ ସ୍ଥାନୀୟ ଜନସାଧାରଣ ବିଭିନ୍ନ ରୋଗର ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏନେଇ ନିକଟସ୍ଥ ପରଜଙ୍ଗ, ମୁଣ୍ଡେଇଲୋ, କାଟେଣୀ, ହାତୀଲୁଣିଣୀ, ବ୍ରାହ୍ମଣ ବେଢ଼ିଆ, କୁଆଲୁ, ଡିହଡୋଳ ଗ୍ରାମବାସୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି, ପ୍ରାୟ ଦେଢ଼ବର୍ଷ ହେଲା ଏକ ଠିକା ସଂସ୍ଥା ରାସ୍ତାକାର୍ଯ୍ୟ ପାଇଁ ପିଟୁପ୍ଲାଣ୍ଟ ବସାଇଛି। ଏହି ପ୍ଲାଣ୍ଟରୁ ପିଚୁ ରାନ୍ଧି ପିଟିରି ଗ୍ରାମଠାରୁ ବାହାରି ପାଲଲହଡ଼ା ଯାଇଥିବା ୧୪୯ ନଂ. ଜାତୀୟ ରାଜପଥର ମରାମତି କାର୍ଯ୍ୟ କରୁଛି। ଫଳରେ ପିଚୁପ୍ଲାଣ୍ଟ ଚେମିନରୁ ନିର୍ଗତ ଧୂଆଁ ଓ ଡିଜେଲ ସବୁ ଉଡ଼ି ପ୍ଲାଣ୍ଟଠାରୁ ମାତ୍ର ୩୦୦ ମିଟର ଦୂର ପରଜଙ୍ଗ ଗ୍ରାମର ଏକମାତ୍ର ଖଣ୍ଡିଆବନ୍ଧ ପୋଖରୀ ପାଣିରେ ତେଲିଆ ଆସ୍ତରଣ ପଡ଼ିବା ସହ ବାୟୁ ପ୍ରଦୂଷିତ ହେଉଛି। ଗ୍ରାମବାସୀ ଉକ୍ତ ପାଣିରେ ଗାଧୋଇବା ଦ୍ୱାରା ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେବା ସହ ବାୟୁ ପ୍ରଦୂଷଣ ଯୋଗୁ ହୃଦରୋଗ ଦେଖାଯାଉଛି। ତୁରନ୍ତ ଉକ୍ତ ପ୍ଲାଣ୍ଟକୁ ବାହାର କରାଯାଉ, ନଚେତ ଚେମିନରେ ଆସୁଥିବା ଡିଜେଲ ଧୂଆଁ ଓ ତୈଳଅଂଶକୁ ବିଶୋଧନ କରାଯାଉ। ଏ ଦିଗରେ ପଦୂଷଣ ନିୟନ୍ତ୍ରଣ ବୋର୍ଡ, ସ୍ଥାନୀୟ ରାଜସ୍ୱ ବିଭାଗ ସମେତ ଜିଲାପାଳ ଦୃଷ୍ଟିଦେବାକୁ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଠିକା ସଂସ୍ଥାର ଜଣେ ଅପରେଟର କହିଛନ୍ତି, ମେଶିନ ଚାଲିଲେ ଏଭଳି ଧୂଆଁ ବାହାରେ।



## ବ୍ରାହ୍ମଣୀ ନଦୀ ବାଲିଘାଟ ବନ୍ଦ ପାଇଁ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ


ବ୍ରାହ୍ମଣୀ ନଦୀ ବାଲିଘାଟ ବନ୍ଦ ପାଇଁ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଢେଙ୍କାନାଳ,୨୩।୨(ରତନ ନାୟାର)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଣ୍ଟାପାଳ ପଞ୍ଚାୟତର କାଳିଆହତା ଗ୍ରାମବାସୀ ଉକ୍ତ ଅଞ୍ଚଳର ବ୍ରାହ୍ମଣୀ ନଦୀରେ ହୋଇଥିବା ବାଲି ଘାଟକୁ ବନ୍ଦ କରିବା ପାଇଁ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଗ୍ରାମରେ ଥିବା ବ୍ରାହ୍ମଣୀ ନଦୀ ବାଲିଘାଟକୁ ନିଲାମ ଦିଆଯାଇଛି। କିନ୍ତୁ ବାଲିଘାଟ ଯୋଗୁ ଗ୍ରାମରେ ସମସ୍ୟା ବଢିବାରେ ଲାଗିଛି। ବାଲିଘାଟ ଯୋଗୁ ଗ୍ରାମଦେଇ ଭାରିଯାନ ବେପରୁଆ ଭାବେ ଚଳାଚଳ କରୁଛି। ଫଳରେ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ଚିନ୍ତାଜନକ ହୋଇଛି। ସେହିପରି ଗ୍ରାମ ମୁଖ୍ୟ ରାସ୍ତାର ୫୦୦ ମିଟର ଦୂରରେ ଅଙ୍ଗନୱାଡି କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ରକୁ ଯାଉଥିବା ଛୋଟ ପିଲାମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାୟୁ ପ୍ରଦୂଷଣ ଜନିତ ରୋଗ ବୃଦ୍ଧି ପାଇବ। ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଗ୍ରାମବାସୀ ପାନୀୟଜଳ ଯୋଗାଣ ପାଇଁ ଦେୟ ପ୍ରଦାନ କରୁଥିବା ବେଳେ ନିୟମିତ ସେମାନଙ୍କୁ ପାଣି ମିଳୁନାହିଁ । ବାଲି ଘାଟକୁ ଯିବା ପାଇଁ ଜଣକ ବ୍ୟକ୍ତିଗତ ଜମି ମଧ୍ୟ ଦେଇ ରାସ୍ତା ହୋଇଥିବାରୁ ଏହା ମଧ୍ୟ ସମସ୍ୟା କରୁଛି। ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ର ପରିଦର୍ଶନ କରି ନଦୀରୁ ବାଲି ଉଠା ନ ଯିବା ବ୍ୟବସ୍ଥା କରାଯିବାକୁ କାଳିଆହତା ଗ୍ରାମବାସୀ ଓ ଗ୍ରାମ କମିଟି ପକ୍ଷରୁ ପ୍ରଶାସନକୁ ନିବେଦନ କରାଯାଇଛି।

# ଗଁଦିଆ ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି




ଗଁଦିଆ,୨୩।୨(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏହି ଶିବିରରେ ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ଉପ ଜିଲାପାଳ ବିବୁଧ ଗଡ଼ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ବିଡିଓ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ମୋଟ ୫୧ଟି ଅଭିଯୋଗ ଦାଖଲ ହୋଇଥିବାବେଳେ ଅଭିଯୋଗଗୁଡିକର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ମିତପ୍ରଜ୍ଞ ମହାନ୍ତିଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଲେଥେକାର ପୂର୍ବତନ ସରପଞ୍ଚ ବାବାଜୀ ଚରଣ ସ୍ୱାଇଁ ଜନ ଶୁଣାଣି ନେଇ ଗାଁ ଗହଳିର ବହୁ ଲୋକ ଅବଗତ ହେଉପାରୁ ନ ଥିବାରୁ ଶିବିରକୁ ଆସିପାରୁନାହାନ୍ତି ବୋଲି ଅଭିଯୋଗ କରିବା ସହ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ନିବେଦନ କରିଥିଲେ।

## ଭିନ୍ନକ୍ଷମ ହିତାଧିକାରୀଙ୍କୁ ମିଳିଲା ହୁଇଲ ଚେୟାର

**ଝିଅ ଅନୁପସ୍ଥିତ ଥିବାରୁ ମା'ଙ୍କୁ ବସାଇ ଫଟୋ ଉଠାଗଲା**

ଗଁଦିଆ,୨୩।୨(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ପିଙ୍ଗୁଆ ଗ୍ରାମର ଗୌରାଙ୍ଗ ଚରଣ ସାହୁଙ୍କ ୯୦ ପ୍ରତିଶତ ଭିନ୍ନକ୍ଷମ ଝିଅ ଲକ୍ଷ୍ମୀପ୍ରିୟା ସାହୁ(୩୪)ଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। କିନ୍ତୁ ଉକ୍ତ ଶିବିରରେ ଭିନ୍ନକ୍ଷମ ମହିଳା ଜଣଙ୍କ ଅନୁପସ୍ଥିତ ଥିବାରୁ, ତାଙ୍କ ମା'ଙ୍କୁ ଅଧିକାରୀମାନେ ହୁଇଲ ଚେୟାରରେ ବସାଇ ଫଟୋ ଉଠାଇଥିଲେ।


ଭିନ୍ନକ୍ଷମ ହିତାଧିକାରୀଙ୍କ ବଦଳରେ ତାଙ୍କ ମା'ଙ୍କୁ ଚେୟାରରେ ବସାଯାଇଛି।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣ ସମାବେଶ



ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ଗଣସମାବେଶରେ ଜିଲା ଜନଜୀବନ ସୁରକ୍ଷା କମିଟି କର୍ମକର୍ତ୍ତାମାନେ।

**ଅନୁଗୋଳ, ୨୩।୨ (ଦିବ୍ୟଶାନ୍ତନୁ ନାଥ)**

**ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ଓ ପ୍ରଦୂଷଣ ସମସ୍ୟାର ସମାଧାନ ଦାବି**

ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ଗଣସମାବେଶ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟତମ ଆବାହକ ଅଭିମନ୍ୟୁ ସ୍ୱାଇଁ, ବୁଦ୍ଧିଜୀବୀ ରମେଶ ସାହୁ, ଶିବରାମ ମିଶ୍ର, ବ୍ରଜବନ୍ଧୁ ସାହୁ, ଆଇନଜୀବୀ ବସନ୍ତ କୁମାର ଦାସ, ନିରୋଦ ପାଳ, ତ୍ରିଲୋଚନ ଜେନା, ତୀର୍ଥବାସୀ ଭୋଇ, ପଠାଣି ବାରିହା, ମାନସ ପାଳ, ସାମାଜିକ କର୍ମୀ ପର୍ଶୁରାମ ଦାସ, ପରିବେଶବିତ୍ ପ୍ରସନ୍ନ ବେହେରା ପ୍ରମୁଖ ବକ୍ତବ୍ୟ ଦେଇ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରିଥିଲେ।

ଜିଲା ମୁଖ୍ୟ ଚିକିତ୍ସାଳୟକୁ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜର ଟିଚିଂ ହସ୍ପିଟାଲ ଭାବେ ବ୍ୟବହାର କରାଯାଉଥିଲେ ମଧ୍ୟ ଏଠାରେ ଟ୍ରମାକେୟାର ସେଣ୍ଟର, ଆଇସିୟୁ, ବର୍ନ ୟୁନିଟ୍ କାର୍ଯ୍ୟକ୍ଷମ କରାଯାଉନାହିଁ। ଫଳରେ ସାଧାରଣ ଗରିବ ରୋଗୀ କଟକ କିମ୍ବା ଘରୋଇ ନର୍ସିଂହୋମ୍ ଯିବାକୁ ବାଧ୍ୟ ହେଉଛନ୍ତି। ଜିଲା ଖଣିଜ ପାଣ୍ଠିରେ ପ୍ରଚୁର ଅର୍ଥ ରହିଥିଲେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମିର ବିକାଶ କରାଯାଉନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ, କୋଇଲା ପରିବହନ ରାସ୍ତାରେ ନିୟମିତ ପାଣି ସିଞ୍ଚନ ସହିତ କୋଇଲା ପରିବହନ ନିମନ୍ତେ ସ୍ୱତନ୍ତ୍ର କୋଲ କରିଡର୍ ନିର୍ମାଣ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସରକାରୀ ନର୍ସିଂ କଲେଜ ପ୍ରତିଷ୍ଠା, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ୍, ସ୍ମାର୍ଟ ମିଟର ଓ ଅତିରିକ୍ତ ସୁରକ୍ଷା ଜମା ଆଦାୟ ତୁରନ୍ତ ବନ୍ଦ ଆଦି ଦାବି କରାଯାଇଥିଲା। ଏହାପରେ ଏକ ପ୍ରତିନିଧି ଦଳ ୧୪ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ପ୍ରଦାନ କରିଥିଲେ। ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲାବ୍ୟାପୀ ଆନ୍ଦୋଳନ ସହିତ ଜିଲା ବନ୍ଦ କରାଯିବାକୁ ଚେତାବନୀ ଦିଆଯାଇଥିଲା। ଏହି ସମାବେଶରେ ଜିଲାର ବିଭିନ୍ନ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ପରିବେଶବିତ୍, ସଚେତନ ନାଗରିକ ଓ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

# ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା

**ଅନୁଗୋଳ, ୨୩।୨ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ରାଣୀଗୋଡ଼ା (ପୁରୁଣାସାହି) ତଥା ଶାଳଗାଡ଼ିଆ ପୋଖରୀ ନିକଟରେ ରାଧାଗୋବିନ୍ଦଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ ତାରିଖରେ ଅଙ୍କୁରାରୋପଣ, ୨୧ ତାରିଖରେ ୧୦୮ କଳସଯାତ୍ରା, ୨୨ ତାରିଖରେ ମନ୍ଦିର ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିପୂଜା, ଦଧିନଉତି ସ୍ଥାପନା, ଧ୍ୱଜା ଉତ୍ତୋଳନ, ଆହୁତି ଯଜ୍ଞ



ଅନୁଷ୍ଠିତ ହୋଇଥିଲା। ୨୩ ତାରିଖ ସକାଳୁ ସୂର୍ଯ୍ୟପୂଜା, ଆହୁତି ଯଜ୍ଞ, ବିଗ୍ରହ ଜୀବନ୍ୟାସ, ମନ୍ଦିର ପ୍ରବେଶ, ପ୍ରଥମ ଭୋଗ ଆଦି ଅନୁଷ୍ଠିତ ହୋଇଥିଲା।

# ରୌପ୍ୟଜୟନ୍ତୀ ଉତ୍ସବ ପାଳନ ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

**ଅନୁଗୋଳ, ୨୩।୨ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠସ୍ଥିତ ଶରଧାପୁର କ୍ଲବ୍ ଟାଉନ ନିକଟସ୍ଥ ଏକ ଫାର୍ମ ହାଉସରେ ସୂର୍-ତାଲ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସୁଜିତ କୁମାର ସାହୁ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମହାପାତ୍ର ଓ ଉପଦେଷ୍ଟା ଚୈତନ୍ୟ ପୋଥାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ବର୍ଷ ସୂର୍-ତାଲ ଅନୁଷ୍ଠାନ ରୌପ୍ୟଜୟନ୍ତୀ ଉତ୍ସବ ପାଳନ କରିବାକୁ ଯାଉଥିବାରୁ ଏ ନେଇ ଆଲୋଚନା କରାଯାଇଥିଲା। ବରିଷ୍ଠ ଓକିଲ ଜ୍ଞାନରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରତାପ ମହାପାତ୍ର ଓ ଦେବାଶିଷ ପଟ୍ଟନାୟକ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରି ମତାମତ ରଖିଥିଲେ। ବୈଠକରେ ଅନୁଷ୍ଠାନ ସଭାପତି ଅଜୟ କୁମାର ନାଥ, ଉପସଭାପତି କେଦାର ଚନ୍ଦ୍ର ବେହେରା, ସହସମ୍ପାଦକ ଅଜିତ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର କର, ସହସାଂସ୍କୃତିକ ସମ୍ପାଦକ ପ୍ରକାଶ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ବର୍ଷରେ ଜିଲା ତଥା ରାଜ୍ୟରେ ଲୁଚି ରହିଥିବା କଳା ପ୍ରତିଭାଙ୍କୁ ଆବିଷ୍କାର କରି ମଞ୍ଚ ପ୍ରଦାନ କରିବା ଅନୁଷ୍ଠାନର ଲକ୍ଷ୍ୟ ହେବ ବୋଲି କୁହାଯାଇଥିଲା।

# ନୁନୁକାପଶିରେ ୩୦ ଅଭିଯୋଗର ଶୁଣାଣି


ଜନଶୁଣାଣି ଅବସରରେ ଅଧିକାରୀମାନେ।

**ବଇଣ୍ଡା, ୨୩।୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ୩୦ ଅଭିଯୋଗର ଶୁଣାଣି କରିଥିଲେ। ସମସ୍ତ ଅଭିଯୋଗ କିପରି ଶୀଘ୍ର ସମାଧାନ ହେବ ସେ ନେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବଇଣ୍ଡା ଛକଠାରେ ଏକ ଶୌଚାଳୟ ନିର୍ମାଣ ପାଇଁ ବଇଣ୍ଡା ଭଜପା ନେତା ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଭେଟି ଦାବି କରିଥିଲେ। ଖୁବ୍‌ଶୀଘ୍ର ଦାବି ପୂରଣ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏହି ଜନଶୁଣାଣିରେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଯୋଗାଣ ବିଭାଗ କର୍ମଚାରୀ ସରୋଜ କୁମାର ପ୍ରଧାନ, ଏବିଇଓ ମଞ୍ଜୁଳ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଇପ୍ସିତା ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ପାଠପଢ଼ା

**ବଇଣ୍ଡା, ୨୩।୨ (ପରିକ୍ଷିତ ସାହୁ)**

- ■ସମସ୍ୟାରେ କେଞ୍ଝିଆନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟ
- ■ପାନୀୟ ଜଳ, ଶୌଚାଳୟ, ଖେଳପଡ଼ିଆ ନାହିଁ
- ■ବିଦ୍ୟାଳୟ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ଶ୍ରେଣୀଗୃହ ଅଭାବରୁ ଛାତ୍ରୀଛାତ୍ର ବାରଣ୍ଡାରେ ପଢୁଛନ୍ତି। ପାନୀୟ ଜଳ ବ୍ୟବସ୍ଥା ନ ଥିବାବେଳେ ମଧ୍ୟାହ୍ନଭୋଜନ ଥାଳି ଧୋଇବା ପାଇଁ ମଧ୍ୟ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ, ଖେଳପଡ଼ିଆ ବ୍ୟବସ୍ଥା କରାଯାଇ ନାହିଁ। ଆବଶ୍ୟକ ସଂଖ୍ୟକ ଶିକ୍ଷକ ମଧ୍ୟ ନାହାନ୍ତି। ଏପରି ସମସ୍ୟା ଦେଇ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କେଞ୍ଝିଆନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ଗତି କରୁଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ବହୁ ପୁରାତନ ଏହି ବିଦ୍ୟାଳୟରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ସୋମବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ଅଭିଯୋଗପତ୍ର ଡାକ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ୧୯୫୮ ମସିହାରେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ବର୍ତ୍ତମାନ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ୪୦ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ପାଇଁ ଗୋଟିଏ ଶ୍ରେଣୀଗୃହ ଥିବାରୁ ଗୋଟିଏ କୋଠରିରେ ୩ଟି ଶ୍ରେଣୀର ପିଲା ବସି ପଢୁଛନ୍ତି। ୨ଟି ଶ୍ରେଣୀର ଛାତ୍ରୀଛାତ୍ର ବାରଣ୍ଡାରେ ବସୁଛନ୍ତି। ବର୍ଷାଦିନେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ୪ ଜଣ ଶିକ୍ଷକଙ୍କ ସ୍ଥାନରେ ୨ ଜଣ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନ ଥିବାବେଳେ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଖେଳପଡ଼ିଆ ନ ଥିବାରୁ ଛାତ୍ରୀଛାତ୍ରମାନେ ଖେଳକୁଦ କରିପାରୁନାହାନ୍ତି। ସମସ୍ୟା ନେଇ ଗ୍ରାମବାସୀ ୧୫ ଜୁନ ୨୦୨୩ ଓ ୩ ଫେବୃଆରୀ ୨୦୨୪, ୨୫ ସେପ୍ଟେମ୍ବର ୨୦୨୫ରେ ଶିକ୍ଷାବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସମାଧାନ ଦିଗରେ ପଦକ୍ଷେପ ନିଆଯାଇ ନାହିଁ। ଏ ନେଇ ଆଠମଲ୍ଲିକ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର କହିଛନ୍ତି, ବିଦ୍ୟାଳୟରେ ଥିବା ସମସ୍ୟାଗୁଡ଼ିକ ଉପରେ ବିଭାଗ ପକ୍ଷରୁ ତର୍ଜମା କରାଯାଉଛି।

# ସ୍କାଉଟ୍ସ ଗାଇଡ୍ସ ଚିନ୍ତନ ଦିବସ ପାଳିତ


ସଫଳତା ସହ ଉତ୍ତୀର୍ଣ୍ଣ ହୋଇଥିବା ସ୍କାଉଟ୍ସ ଗାଇଡ୍ସଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ବନ୍ତଳା, ୨୩।୨ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ଚମ୍ପତିମୁଣ୍ଡାସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ରବିବାର ସ୍କାଉଟ୍ସ ଗାଇଡ୍ସର ପ୍ରତିଷ୍ଠାତା ବେଡେନ ପାୱେଲଙ୍କ ଜନ୍ମଦିବସ ଓ ସ୍କାଉଟ୍ସ ଗାଇଡ୍ସ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ ବେଡେନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଚିନ୍ତନ ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗତବର୍ଷ ରାଜ୍ୟ ପୁରସ୍କାର ପରୀକ୍ଷାରେ ସଫଳତା ସହ ଉତ୍ତୀର୍ଣ୍ଣ ହୋଇଥିବା ସ୍କାଉଟ୍ସ ଗାଇଡ୍ସଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରୀଛାତ୍ର କିପରି ତାହାକୁ ଶିକ୍ଷାକ୍ଷେତ୍ରରେ ପ୍ରୟୋଗ କରିପାରିବେ ସେ ନେଇ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସ୍କାଉଟ୍ସ ମାଷ୍ଟର ବିଭୂତି ରଞ୍ଜନ ମିଶ୍ର କାର୍ଯ୍ୟକ୍ରମଟି ପରିଚାଳନା କରିଥିଲେ। ସହକାରୀ ସ୍କାଉଟ୍ସ ମାଷ୍ଟର ଜିତେନ୍ଦ୍ର କୁମାର ଓ ଗାଇଡ୍ସ କ୍ୟାପଟେନ ସୁଚିତ୍ରା ପଟ୍ଟନାୟକ ସହଯୋଗ କରିଥିଲେ। ଉପାଧ୍ୟକ୍ଷ ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଦୂଷଣ ସମସ୍ୟାର ସମାଧାନ ଦାବି


ତାଳଚେର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର, ୨୩।୨ (ମନୋଜ ନନ୍ଦ)**

ପ୍ରଦୂଷଣ ହ୍ରାସ ଦିଗରେ ପଦକ୍ଷେପ ନେବାକୁ ୭ ଦିନ ପାଇଁ ତାଳଚେରର ବିଭିନ୍ନ ରାସ୍ତାରେ ପାଣି ସିଞ୍ଚନ କରିବାକୁ ଅନୁଗୋଳ ଜିଲାପାଳ ନିର୍ଦ୍ଦେଶ ଦେବା ପରେ ଏମ୍‌ସିଏଲ୍ ତରଫରୁ ପାଣି ସିଞ୍ଚନ କରାଯାଇଥିଲା। ହେଲେ ବର୍ତ୍ତମାନ ତାଳଚେର କଲେଜଠାରୁ ଚାଇଁପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଧୂଳି ନିୟମିତ ସଫା ହେଉନାହିଁ। ଡେରା ଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ଏବଂ ପବିତ୍ର ମୋହନ ମେଡିକାଲ ଠାରୁ ସାଉଥ ବଳଣ୍ଡା ପର୍ଯ୍ୟନ୍ତ ଧୂଳି ସଫା କରାଯାଉ ନାହିଁ କି ପାଣି ସିଞ୍ଚନ ହେଉନାହିଁ। ଏ ନେଇ ରାଜ କିଶୋର ସାହୁ ତାଳଚେର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ସାହୁ ଉଲ୍ଲେଖ କରିଛନ୍ତି, ପ୍ରଶାସନ ଦ୍ୱାରା ଛୋଟ ବଡ଼ ଢାବା, ହୋଟେଲ ଏବଂ ମୁଢିକଳଗୁଡିକରେ କୋଇଲା ଜାଳେଣି ନିଷିଦ୍ଧ କରାଯାଇଛି। କିନ୍ତୁ ଜିଲାରେ ଥିବା ବିଭିନ୍ନ ତାପଜ ବିଦ୍ୟୁତ କେନ୍ଦ୍ର ସମେତ ୩ଟି କୋଲ ୱାସେରୀ, କୋଇଲା ଖଣିର ପରିବହନ ହେଉଥିବା ରେଲଓ୍ୱେ ସାଇଡିଂ ପାଇଁ ପ୍ରଦୂଷଣ ବଢିବାରେ ଲାଗିଥିଲେ ମଧ୍ୟ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ନରମ ଭାବ ଦେଖାଯାଉଛି। ତୁରନ୍ତ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନେବାକୁ ସାହୁ ଦାବି କରିଛନ୍ତି।

# ମା' ମାହେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳି।

**ଆଠମଲ୍ଲିକ, ୨୩।୨ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ୟୁଥ୍ ଆନୁକୂଲ୍ୟରେ ଆୟୋଜିତ ମା' ମାହେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ ମିନି ଷ୍ଟାଡିୟମ ଖେଳ ପଡିଆରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, କିଶୋରନଗର ବ୍ଲକ ପ୍ରତିନିଧି ସରୋଜ ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଯୁବରାଜ ପରେଶ ଦେଓ, ଭାଜପା ନେତା ପିନା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ କନ୍ଧମାଳ ଏବଂ ଆଠମଲ୍ଲିକ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୩ /୨ ଗୋଲରେ କନ୍ଧମାଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସାଗର ବେହେରା, ସଲିଲ ବେହେରା, ଶଶିକାନ୍ତ ଦାଶିଆ, ମୁକେଶ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଆଠମଲ୍ଲିକ ୟୁଥ୍ ସଭାପତି ହୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ, ସଦସ୍ୟ ମହେନ୍ଦ୍ର ସାହୁ, ଗଦାଧର ସ୍ୱାଇଁ, ବିଶ୍ୱମ୍ଭର ବେହେରା, ରବୀନ୍ଦ୍ର ଦାଶ, ସ୍ୱଦେଶ ରଥ, ନନ୍ଦ କିଶୋର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ମା'କଳାପାଟଙ୍କ ବାର୍ଷିକ ଉତ୍ସବ

**ବନ୍ତଳା, ୨୩।୨ (ସୁଶିତ ସାହୁ)**



ଅନୁଗୋଳ ଜିଲା ତୁମୁଣୀ ଗ୍ରାମସ୍ଥିତ ମା' କଳାପାଟଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶତାଧିକ ମହିଳା ରବିବାର ସକାଳେ କଳସଯାତ୍ରାରେ ସାମିଲ ହୋଇଥିଲେ। ପରେ ଗୋ ପୂଜା, ସୂର୍ଯ୍ୟପୂଜା ଆଦି ସମ୍ପନ୍ନ ସହ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ପଣ୍ଡିତ କାଶୀନାଥ ଦାସ, ପଣ୍ଡିତ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ ଓ ପଦ୍ମଲୋଚନ ପାଳଶର୍ମା ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତାଭାବେ ଦୀପକ କୁମାର ସିଂହ ଦାୟିତ୍ୱ ନିର୍ବାହ କରିଥିଲେ। ଆଖପାଖ ଅଞ୍ଚଳର ୪ଟି ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ। ମନ୍ଦିର ପରିଚାଳନା ସଭାପତି ଭଗବାନ ବିଶ୍ୱାଳ, ଉପସଭାପତି ଦୈତାରୀ ବିଶ୍ୱାଳ, ସମ୍ପାଦକ ଅମିତ ବିଶ୍ୱାଳ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶ୍ୱାଳ, ସୌଭାଗ୍ୟ ବିଶ୍ୱାଳ, ବିନୋଦ ବିଶ୍ୱାଳ, ଚରଣ ବିଶ୍ୱାଳ, ବଡ଼କେରା ସରପଞ୍ଚ ହାଡ଼ିବନ୍ଧୁ ବେହେରା, ଟିକନ ବେହେରା, ପୁପୁନ ଖୁଣ୍ଟିଆ ଶିବାନୀ ବିଶ୍ୱାଳ, ରାକେଶ ବିଶ୍ୱାଳ ଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମା' କଳାପାଟ ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟଙ୍କ ସମେତ ତୁମୁଣି ଓ ତେଲିତଇଳା ଗ୍ରାମବାସୀ ଓ ସେବାୟତ ପରିବାର ବର୍ଗ ସହଯୋଗ କରିଥିଲେ।

# ସରକାରୀ ଜାଗାରେ ଥଇଥାନ ପ୍ରସ୍ତାବକୁ ବିରୋଧ


ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ବିରୋଧ ପ୍ରଦର୍ଶନ କରୁଛନ୍ତି।

**ପବିତ୍ରନଗର, ୨୩।୨ (ନିରୋଜ ପ୍ରଧାନ)**

କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମର ସରକାରୀ ଜମିରେ ୧୭ ଜଣ ଭୂମିହୀନଙ୍କୁ ଥଇଥାନ ବ୍ୟବସ୍ଥାକୁ ଗ୍ରାମବାସୀ ବିରୋଧ କରିବା ସହ ତହସିଲଦାରଙ୍କ ଠାରେ ଅଭିଯୋଗ କରିଛନ୍ତି। ଗ୍ରାମ ସଭାପତି ଜଳଧର ମହାନ୍ତି ଓ ୱାର୍ଡ ସଭ୍ୟ ନରୋତ୍ତମ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମବାସୀ ସାମିଲ ହୋଇ ଦାବିପତ୍ର ଦେଇଥିଲେ।

ସୂଚନାଯୋଗ୍ୟ, ଭୀମକାଣ୍ଡ ଶିବ ମନ୍ଦିର ପାର୍ଶ୍ୱରେ ସରକାରୀ ଜାଗାରେ ଥିବା ମୁଣ୍ଡାହଟିଂ ଏରିଆରେ ନୂତନ କୋର୍ଟ କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଫଳରେ ସେଠାରେ ରହୁଥିବା ଭୂମିହୀନ ଅଧିବାସୀଙ୍କୁ ଥଇଥାନ ନିମନ୍ତେ ଦଣ୍ଡସିଂହା ଗ୍ରାମରେ ହେଉଥିବା ବ୍ୟବସ୍ଥାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ମୁଣ୍ଡା ବସ୍ତିର ଭୂମିହୀନ ୧୭ ଜଣଙ୍କୁ ଉକ୍ତ ସରକାରୀ ଜମିରେ ପୁନର୍ବାସ ବ୍ୟବସ୍ଥା କରାଗଲେ ଆଗାମୀ ଦିନରେ ଗ୍ରାମର ଗୃହପାଳିତ ପଶୁଙ୍କ ଚାରଣ ଭୂମି ପ୍ରଭାବିତ ହେବ। ଗ୍ରାମର ସାମାଜିକ କାର୍ଯ୍ୟକ୍ରମରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଗ୍ରାବସା ବିଶିକେଶନ ମହାନ୍ତି, ବିଶ୍ୱରଞ୍ଜନ ମହାନ୍ତି, ବିଜୟ ମହାନ୍ତି, କୁନମୟ ମହାନ୍ତି, ନରେନ୍ଦ୍ର ମହାନ୍ତି, ପଦ୍ମଚରଣ ପରିଡା, ବନମାଳୀ ସାମଲ, କଳନ୍ଦୀ ସାମଲ, ଅଖିଳ ସାହୁ, ଶ୍ରୀକାନ୍ତ ସାହୁ, ଶୁକଦେବ ମହାନ୍ତି, ପ୍ରକାଶ ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ସାଇକେଲରୁ ପଡ଼ି ୧୦ମ ଶ୍ରେଣୀ ଛାତ୍ରୀ ଗୁରୁତର

**ପାଲଲହଡ଼ା, ୨୩।୨ (ଦିବ୍ୟଜ୍ୟୋତି ଦାଶ)**

ପରୀକ୍ଷା କେନ୍ଦ୍ରକୁ ଯିବାବେଳେ ଦୁର୍ଘଟଣା ଘଟି ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଜ୍ୟରେ ମାଟ୍ରିକ ବୋର୍ଡ ପରୀକ୍ଷା ଚାଲିଥିବାବେଳେ ପାଲଲହଡା ବ୍ଲକ ସିଗଡ଼ ପଞ୍ଚାୟତ ଅନ୍ତର୍ଗତ କର୍ମକିଳା ଗାଁର ଅନାମ ବାରିକଙ୍କ ନାବାଳିକା ଝିଅ ଘରୁ ସାଇକେଲରେ ପାଲଲହଡା ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଦେବା ପାଇଁ ଆସୁଥିବାବେଳେ ସିଗଡ଼ ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହେବାରୁ ପରୀକ୍ଷା ଦେଇଥିବା ଜଣାପଡ଼ିଛି।

# ରେନ୍‌ବୋ କ୍ଲବକୁ ହରାଇ ସ୍ପୋର୍ଟ୍ସ ହଷ୍ଟେଲ ବିଜେତା


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପାଲଲହଡ଼ା ବିଧାୟକଙ୍କ ସହ ଅନ୍ୟମାନେ।

**ଖମାର, ୨୩।୨ (ରଜନୀକାନ୍ତ ମହାରଣା)**

ପାଲଲହଡ଼ା ଉପଖଣ୍ଡ ଶଙ୍ଖପୁର ଗ୍ରାମରେ ଶଙ୍ଖପୁର ଯୁବକ ସଂଘ ଦ୍ୱାରା ଆୟୋଜିତ ଏକ ଦିବସୀୟ ଦିବାରାତ୍ର ରାଧାକୃଷ୍ଣ ଭଲିବଲ ଟୁର୍ନାମେଣ୍ଟ ଯୁବକ ସଂଘ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୁରୀ କ୍ଲବ, ରାଉରକେଲା କ୍ଲବ, ରେନ୍‌ବୋ କ୍ଲବ ଭୁବନେଶ୍ୱର ଓ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ମଧ୍ୟରେ ୬ଟି ମ୍ୟାଚ ଖେଳା ଯାଇଥିଲା। ଫାଇନାଲ ମ୍ୟାଚରେ ରେନବୋ କ୍ଲବ ଭୁବନେଶ୍ୱରକୁ ହରାଇ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ଚାମ୍ପିୟନ ହୋଇଥିଲା। ୫ ଜଣ ଜାତୀୟସ୍ତରୀୟ ରେଫରି ଖେଳ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ବିଦ୍ୟାଧର ସାହୁ, ଉପ ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଯଦୁମଣି ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ, ଯୁବକ ସଂଘ ସଭାପତି ଜଗାବଳିଆ ଦେହୁରୀ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଭାଜପା ମଣ୍ଡଳ ସଭାପତି କାର୍ତ୍ତିକ ପ୍ରଧାନ, ଦେବାଶିଷ ସାହୁ, ବଳରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

